

text of the time..

# ଜୋନାଥନ୍‌ର ଡେଣା



ଶୈଳେନ୍ଦ୍ର ଦ୍ୱିବେଦୀ



# ତମାମ୍ ଜୀବନ ଗୋଟାଏ ଖେଳ

ଦୁଇଜଣ ସଂଦିଗ୍ଧ ଅପରାଧୀଙ୍କୁ ପୁଲିସ ଧରିଲା । ସନ୍ଦେହ ଥିଲା ଯେ କେଇଦିନ ତଳେ ଘଟିଥିବା ଏକ ବୀଭତ୍ସ ହତ୍ୟାକାଣ୍ଡରେ ସେମାନେ ସଂପୃକ୍ତ । କୋର୍ଟରୁ ସେମାନଙ୍କୁ ରିମାଣ୍ଡରେ ଅଣାଗଲା । ମାତ୍ର ପୁଲିସ ପାଖରେ ଠୋସ୍ ସୁରାକ୍ ନଥିଲା । ଦୁଇଜଣଙ୍କୁ ହାଜତରେ ଦୁଇଟି ଅଲଗା କୋଠରୀରେ ରଖି ଜେରା କରାଗଲା । ଦୁଇଜଣ ଯାକ ଯଦି କେହି କିଛି ମାନିବେ ନାହିଁ, ତେବେ ପ୍ରମାଣ ଅଭାବରୁ ଉଭୟ କମ୍ ଦଣ୍ଡ ପାଇବେ, ନଚେତ୍ ଖସିଯିବେ; କିନ୍ତୁ ଯଦି ଉଭୟେ ଦୋଷ ସ୍ୱୀକାର କରନ୍ତି, ସେମାନେ ଦୋଷୀ ସାବ୍ୟସ୍ତ ହେବେ । ଅଧିକ ଦଣ୍ଡ ବି ଭୋଗିବେ । ଯଦି ଜଣେ ଦୋଷ ମାନେ ଏବଂ ଅନ୍ୟଜଣେ ନମାନେ, ତେବେ ଦୋଷ ସ୍ୱୀକାର କରିଥିବା ଅପରାଧୀକୁ ରାଜସାକ୍ଷୀ ଭାବରେ ଗ୍ରହଣ କରାଯାଇ ଛାଡି ଦିଆଯାଇପାରେ, ନଚେତ କମ ଦଣ୍ଡ ମିଳିପାରେ । ତେବେ ସେ କ୍ଷେତ୍ରରେ ଅନ୍ୟ ଜଣଙ୍କୁ ରୀତିମତ ଦଣ୍ଡ ଭୋଗିବାର ସମ୍ଭାବନା ବଢ଼ିଯିବ । ପ୍ରଶ୍ନ ହେଉଛି, ଅପରାଧୀ ଦୁଇଜଣ ଦୋଷ ସ୍ୱୀକାର କରିବେ ତ ? 'ଗେମ୍ ଥିଓରି' ଅନୁଯାୟୀ ପ୍ରକୃତରେ ସେମାନେ ଯାହା କରିବେ, ତାହା ସେମାନେ ଯାହା କରିବା ଉଚିତ୍, ତା'ଠାରୁ ଅଲଗା ହେବ । ଦୁଇଜଣ ପୃଥକ ବଖରାରେ ବନ୍ଦୀ ଏବଂ ପରସ୍ପର ସହିତ ଭାବ ବିନିମୟ କରିବାପାଇଁ ପାଖରେ ସୁଯୋଗ ନାହିଁ । ଜଣେ ମନକୁ ମନ ଏମିତି ହୁଏତ ଭାବିବ; ଯଦି ଆର ଜଣକ ଦୋଷ ନମାନିଲା ତେବେ ମୁଁ ମାନିଯିବି, କାରଣ ପୁଲିସ ମୋ ପାଇଁ ଦଣ୍ଡ ନିଶ୍ଚୟ କୋହଳ କରିବ । ଆଉ ଯଦି ବି ଆରଜଣକ ଦୋଷ ସ୍ୱୀକାର କଲା, ତଥାପି ବି ମୁଁ ମାନିଯିବି କାରଣ, ଜଣେ ଦୋଷ ସ୍ୱୀକାର କଲା, ତଥାପି ବି ମୁଁ ନ ମାନିଲେ ଦଣ୍ଡ ବିଧାନ ବଢ଼ିଯିବ । ଅବିକଳ ସମାନ କଥା ବି ଚିନ୍ତା କରିବ ହାଜତର ଆର ସେଲ୍‌ରେ ଥିବା ଅପରାଧୀ

ଜଣକ (ଯେ ସେ ବି ଦୋଷ ମାନିଯିବ) । ଏହା ହିଁ 'ନାଶ୍ ଭାରସାମ୍ୟ' ବା 'ନାଶ୍ ଇକ୍ୱିଲିବ୍ରିୟମ' । ଯଦିଓ ସର୍ବଦା ଏହା ସର୍ବଶ୍ରେଷ୍ଠ ବିକଳ୍ପ ନୁହେଁ, ଏହା ଏକ ସମ୍ଭାବନା । ଅର୍ଥାତ୍, ଯେତେବେଳେ ଆମେ ଭାବୁଥାଉ ଯେ ପରିସ୍ଥିତି ଆମ ନିୟନ୍ତ୍ରଣରେ ଅଛି, ପରିଣତି କିନ୍ତୁ ପ୍ରକୃତରେ ପାରସ୍ପରିକ ସହଯୋଗ ବା ଅସହଯୋଗର ରୂପନେଇ ଆସିଥାଏ ।

ଜନ୍.ଏଫ୍.ନାଶ୍ ଆଉ ନାହାନ୍ତି (୧୩/୬/୧୯୨୮ ରୁ ୨୩/୫/୨୦୧୫) । ତେବେ ଗଣିତକୁ ତାଙ୍କର ମୌଳିକ ଅବଦାନ ସମୃଦ୍ଧ କରିଛି ଅନେକ କ୍ଷେତ୍ରକୁ ଯାହା ଭିତରେ ରହିଛି ଅର୍ଥନୀତି, ରାଜନୀତି, ଯୁଦ୍ଧ ପରିଚାଳନା, ଜୀବ ବିଜ୍ଞାନ ଏବଂ କମ୍ପ୍ୟୁଟର ସାଇନ୍ସ । ଗେମ୍ ଥିଓରି ଉପରେ ନାଶ୍ ଲେଖିଥିବା ୨୭ ପୃଷ୍ଠିଆ ସନ୍ଦର୍ଭ ତାଙ୍କୁ ଡକ୍ଟରେଟ୍ ଦେଇଥିଲା ମାତ୍ର ୨୨ବର୍ଷ ବୟସରେ । ଆଉ ସମାନ ସନ୍ଦର୍ଭ ପାଇଁ ୟାର ପ୍ରାୟ ୪୦ବର୍ଷପରେ ତାଙ୍କୁ ମିଳିଥିଲା ଅର୍ଥନୀତିରେ ନୋବେଲ୍ ସ୍ମାରକୀ ପୁରସ୍କାର । ତମାମ ଜୀବନ ଅଦୃଶ୍ୟରେ ଆମେ ଚୋର ପୁଲିସର ଖେଳ ଖେଳୁଛୁ । ସମ୍ଝୋତା କରୁଛୁ । କେବେ ନିଜ ଜିଦ୍‌ରେ ବାଜି ଲଗେଇ ଦେଉଛୁ । ହାରି ବି ଯାଉଛୁ । ନାଶ୍‌ଙ୍କ ମତ ଥିଲା ଯେ ସର୍ବାଧିକ ଫାଇଦା ପାଇଁ ଉଭୟଙ୍କର ସହଯୋଗ ଆବଶ୍ୟକ । କିନ୍ତୁ ଏହାର ବୀପରିତ ସ୍ଥିତିରେ ବି ନାଶ୍ ଇକ୍ୱିଲିବ୍ରିୟମ ଉପସ୍ଥିତ ।

କିଛି କମ୍ ନାଟକୀୟ ନଥିଲା ଜନ୍‌ଙ୍କ ଜୀବନ । ୧୯୨୮ରେ ତାଙ୍କର ଜନ୍ମ ହୋଇଥିଲା ଯୁକ୍ତରାଷ୍ଟ୍ରର ପଶ୍ଚିମ ଭର୍ଜିନିୟାରେ । ବାପା ଜନ୍.ଏଫ୍.ନାଶ୍ (ସିନିୟର) ବୃତ୍ତିରେ ଥିଲେ ଇଲେକ୍ଟ୍ରିକାଲ ଇଞ୍ଜିନିୟର । ମା' ମାର୍ଗାରେଟ୍ ସ୍କୁଲ ଶିକ୍ଷୟିତ୍ରୀ । ଜନ୍‌ଙ୍କଠାରୁ ୨ ବର୍ଷ ସାନ ତାଙ୍କ ଭଉଣୀଙ୍କ ନା ଥିଲା ମାର୍ଥା । ବାପା-ମା' ଏବଂ ସମ୍ପର୍କୀୟମାନେ ଢ଼େର୍ ସ୍ନେହୀ ଥିଲେ, କିନ୍ତୁ ଜନ୍ ଥିଲେ ନିଆରା । ଖେଳିବାରେ ତାଙ୍କର ଇଚ୍ଛା ନଥିଲା । ସେ ବହି ପଢ଼ିବାକୁ ଭଲ ପାଉଥିଲେ । ବାପା ମା' ବି ପୁଅକୁ ପ୍ରଚୁର ବହି କିଣି ଦେଉଥିଲେ । ଯେତେବେଳେ ରଙ୍ଗ ପେନସିଲ ଧରି ଚିତ୍ର ଆଙ୍କିବା କଥା, ଜନ୍ ବ୍ୟସ୍ତ ଥିଲେ ବହି ପଢ଼ିବାରେ । ସ୍କୁଲ ପଢ଼ାପଢ଼ିରେ ସେ ଖାସ୍ ନଥିଲେ । ତାଙ୍କ ବ୍ୟବହାର ବାରି ହୋଇପଡୁଥିଲା । କାହା ସହିତ ସେ ମିଶି ପାରୁନଥିଲେ । କଥାବାର୍ତ୍ତା କମ୍ କରୁଥିଲେ । ମୋଟ ଉପରେ ସ୍କୁଲରେ ତାଙ୍କର ଆଗ୍ରହ ନଥିଲା । କିନ୍ତୁ ତାଙ୍କୁ ଯେତେବେଳେ ୧୨ବର୍ଷ, ସେତେବେଳେ ସେ ନିଜେ ବହିପଢ଼ି ଘରେ ଆରମ୍ଭ କରିଦେଇଥିଲେ ବିଜ୍ଞାନର ନାନା

ପରୀକ୍ଷାନିରୀକ୍ଷା । ପରେ ତାଙ୍କ ସାନ ଭଉଣୀ ମାର୍ଥା ଲେଖିଥିଲେ ଯେ ଆରମ୍ଭରୁ ଜନି ଅଲଗା ଥିଲା । ଶିକ୍ଷକମାନେ କେହି ଜାଣନ୍ତୁ ବା ନ ଜାଣନ୍ତୁ, ମୋ ବାପା-ମା' କିନ୍ତୁ ଜାଣିଥିଲେ, ତାର ପ୍ରତିଭା ଅଛି । ମା' କହୁଥିଲେ ମାର୍ଥା, ଜନିକୁ ତୁ ସାଙ୍ଗ କର । ତାକୁ ଟିକେ ଖେଳାଖେଳି କରିବାକୁ କହ । ତେବେ ଏଥିରେ ମୁଁ ସମ୍ଭବତଃ ସଫଳ ନଥିଲି । ଉଲ୍ଲେଖ ଅଛି ଯେ, ୧୪ବର୍ଷ ବୟସରେ ଜନ୍ ଯେତେବେଳେ ବେଲ୍‌ଙ୍କ 'ମେନ୍ ଅଫ ମ୍ୟାଥମେଟିକ୍ସ' ପଢ଼ିଲେ, ସବୁ ବୁଝିବା ତାଙ୍କ ପାଇଁ ସମ୍ଭବ ନଥିଲା । ତେବେ ଅଦ୍ଭୁତ ଭାବରେ ଅନୁପ୍ରେରିତ ହୋଇ ସାରଥିଲେ । ବିଦ୍ୟାଳୟରେ ପଢୁଥିବା ଗଣିତଠୁ ବେଲ୍‌ଙ୍କ ବହିର ସ୍ୱାଦ ନିଆରା ଥିଲା । ୧୯୪୧ରେ ବ୍ଲୁଫିଲ୍‌ଡ କଲେଜରେ ଦାଖଲ ହେଲେ ଜନ୍ । ଜଟିଳ ଅଙ୍କ ସମାଧାନରେ ତାଙ୍କର ଆଗ୍ରହ ଥିଲା । ତେବେ ବୃତ୍ତି ହିସାବରେ ଗଣିତକୁ ବାଛିବା ପାଇଁ ସେ ଚାହୁଁନଥିଲେ । ବରଂ ଭାବୁଥିଲେ ବାପାଙ୍କ ପରି ଇଲେକ୍ଟ୍ରିକାଲ ଇଞ୍ଜିନିୟର ହେବେ । କଲେଜରେ ଜନ୍‌ଙ୍କ ସ୍ୱଭାବ ବଦଳିନଥିଲା । ଯେଉଁ ସହପାଠୀଙ୍କୁ ସେ ଭଲ ପାଉନଥିଲେ ସେମାନଙ୍କୁ ବରାବର ଥଟ୍ଟା କରୁଥିଲେ । ପଢ଼ିବାବେଳେ ବିସ୍ଫୋରକ ତିଆରି କରୁକରୁ ଦୁର୍ଘଟଣାରେ ଜଣେ ସହପାଠୀ ପ୍ରାଣ ହରାଇଲେ । ବୃତ୍ତି ପାଇ ଜନ୍ ପଢ଼ିଲେ କାର୍ନେଗି ଇନିଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିରେ । କେମିକାଲ ଇଞ୍ଜିନିୟରିଂ, କିନ୍ତୁ ଗଣିତ ବିଭାଗର ମୁଖ୍ୟ ଜନ୍ ସିନ୍‌ଜ ତାଙ୍କର ଅସାଧାରଣ ଗଣିତ ଦକ୍ଷତା ଚିହ୍ନି ପାରିଥିଲେ । ତାଙ୍କରି ପ୍ରରୋଚନାରେ ଜନ୍ ମନଦେଲେ ଗଣିତରେ । ୧୯୪୮ରେ ଗଣିତରେ ଉଭୟ ସ୍ନାତକ ଏବଂ ସ୍ନାତକୋତ୍ତର ଡିଗ୍ରୀ ସେ ହାସଲ କରିଥିଲେ । ଯୋଗଦେଲେ ପ୍ରିନ୍‌ସଟନ୍ ବିଶ୍ୱବିଦ୍ୟାଳୟରେ- ଅଧ୍ୟାପନା ପାଇଁ । କୁହାଯାଏ, ଏଥିପାଇଁ ଏକ ସୁପାରିସ ପତ୍ର ଆଣିବା ଆବଶ୍ୟକ ଥିଲା । ଆଉ ସେ ସୁପାରିସ କରିଥିଲେ କାର୍ନେଗିର ପ୍ରାକ୍ତନ ପ୍ରଫେସର ରିଚାର୍ଡ ଡଫିନ୍ । ଧାଡିକିଆ ସୁପାରିସ ପତ୍ରରେ ଲେଖାଥିଲା : 'ଏ ଲୋକଟି ଏକ ପ୍ରଚଣ୍ଡ ପ୍ରତିଭା' ।

୨୨ବର୍ଷ ବୟସରେ 'ନନ୍‌କୋଅପରେଟିଭ ଗେମସ୍' ସନ୍ଦର୍ଭରେ ଡକ୍ଟରେଟ୍ ପାଇବାପରେ ତାଙ୍କର ଜଣେ ସମସାମୟିକ ଲେଖିଥିଲେ ଯେ ଗେମ୍ ଥିଓରିରେ ଜନ୍‌ଙ୍କ ନିଷ୍କର୍ଷ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ନିର୍ବାଚନରେ ପ୍ରାର୍ଥୀଙ୍କ ପ୍ରଚାର ଶୈଳୀ ହେଉ, ଦୁଇ ଦେଶ ମଧ୍ୟରେ ଯୁଦ୍ଧର କାରଣ ହେଉ ବା ବ୍ୟବସ୍ଥାପକମାନଙ୍କର ରାଜନୈତିକ ଚାଲ୍, ଅନେକ କ୍ଷେତ୍ରରେ ନାଶ୍‌ଙ୍କ ପଦ୍ଧତି ଆମକୁ ସଠିକ ଅନୁମାନ

କରିବାପାଇଁ ସହାୟକ । ଡକ୍ଟରେଟ୍ ପାଇବାପରେ ଜନ୍ କିଛି ଦିନ ନିଯୁକ୍ତି ପାଇଥିଲେ ର୍‍ୟାଣ୍ଡ୍ କର୍ପୋରେସନ୍‌ରେ । ସେତେବେଳେ ଶୀତଳଯୁଦ୍ଧର ବାତାବରଣ ଥାଏ ଏବଂ ଗବେଷଣା ସହାୟତା ପାଇଁ ତାଙ୍କୁ ନିଯୁକ୍ତି ମିଳିଥାଏ । ଉଲ୍ଲେଖନୀୟ ଯେ, ୧୯୫୨-୫୩ ସୁଦ୍ଧା ଗଣିତ ଉପରେ ଜନ୍‌ଙ୍କର ଅନେକ ମୌଳିକ ସନ୍ଦର୍ଭ ପ୍ରକାଶ ପାଇ ସାରିଥିଲା । ତେବେ ୧୯୫୮ ଶେଷ ଆଡକୁ ସେ ମାନସିକ ଭାରସାମ୍ୟ ହରାଇବା ଆରମ୍ଭ କଲେ । ତାଙ୍କର ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନ ମୋଡ ନେଲା କ୍ରମଶଃ ବିପର୍ଯ୍ୟୟ ଆଡକୁ । ବିଚାରରେ କିଛି ସଙ୍ଗତି ରହିଲା ନାହିଁ । ସେ ଭାବିବା ଆରମ୍ଭ କଲେ ଯେ ତାଙ୍କ ଆଖପାଖରେ ନାଲି ଟାଏ ପିନ୍ଧିଥିବା ଲୋକ ସମସ୍ତେ କମ୍ୟୁନିଷ୍ଟ ଏବଂ ସେମାନେ ତାଙ୍କ ବିରୋଧରେ ଚକ୍ରାନ୍ତ କରୁଛନ୍ତି । ଏ ବିଷୟରେ ସେ ସରକାରଙ୍କୁ ଚିଠି ଲେଖିଲେ । ୧୯୫୮ରେ 'ଫର୍ଚ୍ଚୁନ' ପତ୍ରିକା ଯଦିଓ ଜନ୍‌ଙ୍କୁ ବିଂଶ ଶତାବ୍ଦୀର ଜଣେ ସର୍ବମାନ୍ୟ ଗଣିତଜ୍ଞ ସ୍ଥାନ ଦେଇଥିଲା, ତାଙ୍କର ବ୍ୟବହାର କିନ୍ତୁ ଅସ୍ୱାଭାବିକ ହେବାରେ ଲାଗିଥିଲା । ଯେଉଁ ସମୟରେ ତାଙ୍କର ବୃତ୍ତିଗତ ଜୀବନ ଅଧିକ ଗୁଣାତ୍ମକ ହେବାର ସମସ୍ତ ସମ୍ଭାବନା ଥିଲା, ମାନସିକ ଭାରସାମ୍ୟ ହରାଇ ସେହି ସମୟରେ ନାଶ୍ ସିଜୋଫ୍ରେନିଆର ଶିକାର ହୋଇଥିଲେ । ସେ ମନେକରୁଥିଲେ ଯେ 'ନ୍ୟୁୟର୍କ ଟାଇମ୍‌ସ' ବାହାର ଗ୍ରହରେ ଥିବା ଜୀବମାନଙ୍କର ସଙ୍କେତ ଖବରକାଗଜରେ ଧାରାବାହିକ ଭାବରେ ପ୍ରକାଶ କରି ଆସୁଛି ଏବଂ ସେ ସଙ୍କେତକୁ ସେ କେବଳ ବୁଝି ପାରୁଛନ୍ତି । ଥରେ ନାଶ୍ କୁଆଡେ ତାଙ୍କର ଜଣେ ଛାତ୍ରଙ୍କୁ ଅନ୍ତରୀକ୍ଷରୁ ଅନ୍ତରୀକ୍ଷକୁ ଯାତ୍ରା କରିବା ପାଇଁ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରିଥିଲେ । ଯେତେବେଳେ ସିକାଗୋ ବିଶ୍ୱବିଦ୍ୟାଳୟରେ ଯୋଗ ଦେବାପାଇଁ ତାଙ୍କୁ ସୁଯୋଗ ମିଳିଥିଲା, ଜନ୍ ଭାବୁଥିଲେ ସେ ବରଂ ଆଣ୍ଟାର୍କଟିକା ମହାଦେଶର ସମ୍ରାଟ ହେବା ଭଲ । ସେ ଏମିତି ମଧ୍ୟ ଭାବୁଥିଲେ ଯେ ସଂସାରରେ ଖାସ୍ କିଛି କରିବା ପାଇଁ ଈଶ୍ୱର ତାଙ୍କୁ ପଠେଇଛନ୍ତି । ୧୯୫୭ରେ ଜନ ବିବାହ କରିଥିଲେ ଆଲିସିଆଙ୍କୁ । ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବାରୁ ସ୍ୱାମୀଙ୍କ ଇଚ୍ଛା ବିରୋଧରେ ଆଲିସିଆ ଜନ୍‌ଙ୍କୁ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ । ତେବେ ଡାକ୍ତରଖାନାରୁ ଫେରିବାପରେ ସ୍ଥିତି ସୁଧୁରି ନଥିଲା । ମଝିରେ ମଝିରେ ପ୍ରିନସ୍‌ଟନ କ୍ୟାମ୍ପସକୁ ସେ ଯାଉଥିଲେ ଏବଂ ନିଜକୁ ଜୋଆନ୍ ଭାବରେ ପରିଚୟ ଦେଇ ଏବଂ ବ୍ଲାକ ବୋର୍ଡରେ ଅଜବ ଅଙ୍କ ସବୁ ଲେଖୁଥିଲେ । ପରିସ୍ଥିତି ଚାପରେ ୧୯୬୨ରେ ଆଲିସିଆ ଓ ଜନ୍‌ଙ୍କର

ବିବାହ ବିଚ୍ଛେଦ ହୋଇଥିଲା । କିନ୍ତୁ ଦିନଟିଏ ବି ଆଲିସିଆ ଦୂରରେ ନଥିଲେ । ଚିକିତ୍ସା ଚାଲିଥିଲା, ହସ୍‌ପିଟାଲ ବଦଳୁଥିଲା । ଦିନେ ହସପିଟାଲରେ ଜନ୍‌ଙ୍କୁ ଦେଖା କରିଥିଲେ ତାଙ୍କର ଜଣେ ପ୍ରାକ୍ତନ ସହକର୍ମୀ । ଆଶ୍ଚର୍ଯ୍ୟ ହୋଇ ସେ ପଚାରିଲେ, ଆପଣଙ୍କ ପରି ଜଣେ ମହାନ ଗଣିତଜ୍ଞ ଯିଏ ମୁକ୍ତ ଓ ବିଜ୍ଞାନ-ସମ୍ମତ ବିଚାର ଉପରେ ସବୁବେଳେ ଧ୍ୟାନ ଦିଅନ୍ତି, ତାଙ୍କୁ ବାହାର ଗ୍ରହର ଜୀବମାନଙ୍କ କଥା କେମିତି ବିଶ୍ୱାସ ହେଉଛି । ନାଶ୍ ଉତ୍ତର ଦେଲେ ଯେ ଗଣିତରେ ନୂଆ ଧାରଣା ଯେମିତି ତାଙ୍କ ମୁଣ୍ଡକୁ ଆସେ, ଏସବୁ ଜୀବମାନଙ୍କ ଉପସ୍ଥିତି ଠିକ୍ ସେମିତି ମୁଣ୍ଡକୁ ଆସୁଛି । ୧୯୫୮ପରେ ଗୋଟିଏ ବି ସନ୍ଦର୍ଭ ବି ଲେଖିବା ନାଶ୍‌ଙ୍କ ପକ୍ଷରେ ସମ୍ଭବ ହୋଇନଥିଲା । ଉଭୟ ଡାକ୍ତରଖାନା ଓ ବାହାରେ ପାଖାପାଖି ୩୫ବର୍ଷ କାଳ ଚିକିତ୍ସାରେ ରହିବାପାଇଁ ପଡିଥିଲା । ଗତ ଶତାବ୍ଦୀର ଶେଷ ଆଡକୁ ସେ ପ୍ରାୟ ସୁସ୍ଥ ହୋଇଆସିଥିଲେ । ୨୦୦୧ରେ ନାଶ୍ ଏବଂ ଆଲିସିଆଙ୍କର ପୁନଃ ବିବାହ ହୋଇଥିଲା । ୨୩ମେ ୨୦୧୫ରେ ଏକ ସଡକ ଦୁର୍ଘଟଣାରେ ଉଭୟ ପ୍ରାଣ ହରାଇବା ବେଳକୁ ଜନ୍‌ଙ୍କୁ ହୋଇଥିଲା ୮୬ବର୍ଷ ଏବଂ ଆଲିସିଆଙ୍କୁ ୮୨ ବର୍ଷ । କୁହାଯାଏ ଯେ ୧୯୯୪ରେ ନୋବେଲ ପୁରସ୍କାର ପାଇବା ବେଳକୁ ନୋବେଲ୍ କମିଟି ସନ୍ଦେହରେ ଥିଲେ ଯେ ନାଶ୍ ପୁରସ୍କାର ଗ୍ରହଣ କରିବାପାଇଁ ସୁସ୍ଥ ଅଛନ୍ତି ନା ନାହିଁ । ଜନ୍ ସି. ହାରସାନି ଏଂ ସେଲ୍‌ଟେନ୍‌ଙ୍କ ସହିତ ମିଳିତ ଭାବରେ 'ଗେମ୍ ଥିଓରି'କୁ ମୌଳିକ ଅବଦାନ ପାଇଁ ନାଶ୍ ପୁରସ୍କୃତ ହୋଇଥିଲେ ହେଁ ଗଣିତକୁ ତାଙ୍କର ଅବଦାନ ପ୍ରଲମ୍ବିତ ଥିଲା ଏମବେଡିଂ ଥିଓରମ୍, ରେମନାନ୍, ମ୍ୟାନିଫୋଲ୍‌ଡ ଏବଂ ସିଙ୍ଗୁଲାରିଟି ଥିଓରି ପରିସରକୁ । ଜନ୍ ପାଇଥିବା ମର୍ଯ୍ୟାଦାଜନକ ଅନ୍ୟାନ୍ୟ ପୁରସ୍କାର ମଧ୍ୟରେ ରହିଛି ଜନ୍ ନ୍ୟୁମାନ୍ ଥିଓରି ପୁରସ୍କାର (୧୯୭୮), ଡବଲ ହେଲିକ୍ସ ମେଡାଲ (୨୦୧୦) ଏବଂ ମୃତ୍ୟୁର ଅଳ୍ପ କେଇଦିନ ଆଗରୁ ନରଓ୍ୱେରୁ ସେ ଗ୍ରହଣ କରିଥିବା ଆବେଲ୍ ପୁରସ୍କାର । ସିଜୋଫ୍ରେନିଆ ସ୍ଥିତିରେ ନାଶ୍‌ଙ୍କ ଅସହାୟତା, ଅସ୍ଥିରତା, ହସ୍ପିଟାଲ ଚିକିତ୍ସା ଏବଂ ସକଳ ପ୍ରତିଘାତ ଭିତରେ ପୁଣି ଥରେ ସେ ସ୍ୱାଭାବିକ ହେବାର ଅନନ୍ୟ ଉପକ୍ରମ ଏବଂ ଆରୋଗ୍ୟକୁ ନେଇ ସିଲ୍‌ଭିଆ ଲେଖିଥିବା ନାଶ୍‌ଙ୍କ ଜୀବନୀ ଉପରେ ନିର୍ମିତ ହୋଇଥିଲା ଚଳଚ୍ଚିତ୍ର 'ଏ ବିୟୁଟିଫୁଲ୍ ମାଇଣ୍ଡ' (୨୦୦୧) । ଓସ୍କାର ପୁରସ୍କୃତ ଏହି ଚଳଚ୍ଚିତ୍ରରେ ପ୍ରଫେସର ନାଶ୍‌ଙ୍କୁ ଭୂମିକାରେ ଥିଲେ ରସେଲ୍ କ୍ରୋ । ଏକ ପ୍ରଶ୍ନର ଉତ୍ତରରେ ଜନ୍ ଥରେ କହିଥିଲେ ଯେ ଗଣିତ

ସହିତ ପାଗଳାମିର ସିଧାସଳଖ ସମ୍ପର୍କ ଅଛି, ଏକଥା ଜୋର୍ ଦେଇ ସେ ଅବଶ୍ୟ କହିପାରିବେ ନାହିଁ, କିନ୍ତୁ ଏଥିରେ ସନ୍ଦେହ ନାହିଁ ଯେ ବଡବଡ ଗଣିତଜ୍ଞମାନେ ଏମିତି ଅସ୍ୱାଭାବିକ ସ୍ଥିତିର ସମ୍ମୁଖୀନ ହୋଇଛନ୍ତି ।

ପ୍ରଫେସର ନାଶ୍ ପରଲୋକକୁ ଯିବାର ମାସେ ନପୂରୁଣୁ ଜଣେ ପ୍ରସିଦ୍ଧ ଭାରତୀୟ ଗଣିତଜ୍ଞଙ୍କ ବର୍ତ୍ତମାନର ଅବସ୍ଥା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଏକଦା 'ନାସା'ରେ ଭଲ ଚାକିରୀ ଛାଡି ଭାରତକୁ ଫେରି ଆସିଥିବା ଗଣିତଜ୍ଞ ବଶିଷ୍ଠ ନାରାୟଣ ସିଂହ, ଆଇ.ଆଇ.ଟି. କାନପୁର ଏବଂ ଟି.ଆଇ.ଏଫ୍.ଆର. ପରି ଶିକ୍ଷାନୁଷ୍ଠାନରେ କିଛି ବର୍ଷ ପାଠ ପଢ଼ାଇବା ପରେ ସିଜୋଫ୍ରେନିଆର ଶିକାର ହେଲେ । ରାଞ୍ଚିରେ କିଛିଦିନ ଚିକିତ୍ସା ଚାଲିଥିଲା । ସ୍ତ୍ରୀ ଘର ଛାଡି ଚାଲିଗଲେ । ୧୯୮୮ରେ କାହାକୁ କିଛି ନଜଣାଇ ପ୍ରଫେସର ବଶିଷ୍ଠ ଘରୁ କେଉଁଆଡେ ଚାଲିଗଲେ । ୧୯୯୨ରେ ତାଙ୍କୁ ଉଦ୍ଧାର କରାଗଲା ବିହାରର ସିୱନ୍ ଅଞ୍ଚଳରୁ । ନିକଟରେ ପ୍ରଫେସର ସିଂହଙ୍କୁ ପୁନଃ ନିଯୁକ୍ତି ମିଳିଛି ଆଉ ଏକ ଅନୁଷ୍ଠାନରେ ।

O

(ସମାଜ, ତା: ୨୮/୬/୨୦୧୫)



ପାଠକମାନେ ପରୀକ୍ଷା କରି ଦେଖନ୍ତୁ ତାଙ୍କର ପ୍ରବନ୍ଧମାନଙ୍କୁ ଦେଖିବେ, ଗପ ପଢ଼ିବାପରି ଲାଗିବ। ମଝିରେ ମଝିରେ କବିତାର ବିଜୁଳି ମଧ୍ୟ ଝଲସିବ। ଲାଗିବ, ଝଡ଼ ଆସୁଛି, ଲାଗିବ ପ୍ରଳୟ ଆସନ୍ନ, ଏହା ଏକ ଘୂର୍ଣ୍ଣିବାତ୍ୟାର ସୂଚନା..

ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀ

ପାଠକୀୟ ଦୃଷ୍ଟିକୋଣରୁ ଶୈଳେନ୍ଦ୍ର ଦ୍ୱିବେଦୀଙ୍କ ରଚନାକୁ ସାହିତ୍ୟର କୌଣସି ନିର୍ଦ୍ଦିଷ୍ଟ ପର୍ଯ୍ୟାୟଭୁକ୍ତ ନକରିବା ଭଲ। କାରଣ ବିଭାଗୀକରଣରେ ତା'ର ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବାର ଆଶଙ୍କା ଅଛି। ପ୍ରବନ୍ଧର ଗାମ୍ଭୀର୍ଯ୍ୟପୂର୍ଣ୍ଣ ମନନଶୀଳତା ସହ କଥନଶୈଳୀ, ଚରିତ୍ରାନ୍ୟାସ, ବର୍ଣ୍ଣନାରେ ବ୍ୟଙ୍ଗାତ୍ମକ ବ୍ୟଞ୍ଜନା, କାବ୍ୟଧାରାର ଅନୁପମ ପ୍ରବାହ, ଅର୍ଥବହ ଇଙ୍ଗିତ, ଭାବ ବିନିମୟର ଅନୁପମ ନାଟକୀୟତା- ଏ ସବୁ ରହିଛି ତାଙ୍କ ରଚନାରେ। ଲେଖକୀୟ ଆଚରଣଟି ଯାହା ପ୍ରବନ୍ଧସୁଲଭ। ରଚନାଟିରେ ପାଠକୀୟ ଅନୁପ୍ରବେଶ ଭାଙ୍ଗିଦିଏ ତଥାକଥିତ ଆବରଣ ଓ ଆକାର। ଏହା ଫରାସୀ ଲେଖକ କାମ୍ୟୁ ଓ ଇଂରାଜୀ ରଚନାକାର ଆଲଡସ୍ ହକ୍ସଲେଙ୍କ ଗଦ୍ୟ ରଚନା ସହ ତୁଳନୀୟ ବୋଲି ମୁଁ ମନେକରେ। ତେବେ ଶୈଳେନ୍ଦ୍ରଙ୍କ ରଚନାର ସ୍ୱତନ୍ତ୍ର ଗରିମା ଓ ସୌନ୍ଦର୍ଯ୍ୟବୋଧ ମୌଳିକତା ଦୃଷ୍ଟିକୋଣରୁ ଅତୁଳନୀୟ।

ଆଉ ଗୋଟିଏ କଥା। ଶୈଳେନ୍ଦ୍ରଙ୍କ ରଚନା କୌଣସି ଉଦ୍ଦେଶ୍ୟଭିତ୍ତିକ ନୁହେଁ। କାରଣ ଯେ କୌଣସି ଉଦ୍ଦେଶ୍ୟ ସାହିତ୍ୟର ବିଶାଳତାକୁ ସଂକୁଚିତ କରିପାରେ। ପ୍ରକୃତ ରଚନା ହେଉଛି ଏକ ଦର୍ପଣ ଯେଉଁଥିରେ ସମାଜ ତା' ମୁହଁ ଦେଖେ। ତାଙ୍କର ସମସ୍ତ ରଚନା ହେଉଛି ଏକ ସାମାଜିକ ପ୍ରତିଫଳନ। ଆଶା, ପାଠକମାନେ ଏହାର ମୌଳିକତା କୁ ହୃଦୟରେ ଅନୁଭବ କରିବେ।

...ପ୍ରକାଶ ମହାପାତ୍ର

Non-Fiction

Cover: Prakash Mohapatra
Events Publications.
4555 VSS Nagar,
Bhubaneswar- 751007

₹ 180

ISBN 978-81-908070-1-2
978-81-908070-1-2